# ରାଜ୍ୟ ସ୍ତରୀୟ 30 ତମ ପିକକ୍ ଶିଶୁମେଳା ୧୪ ରୁ ୨୦ ତାରିଖ

## ବାର୍ଷିକ ସମ୍ମାନ ଓ ପୁରସ୍କାର ପାଇଁ ନାମାଙ୍କନ ଆହ୍ୱାନ

ଓଡିଶାରେ ଶିଶୁ ଅଧିକାର ପାଇଁ କାର୍ଯ୍ୟରତ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ର ୩୦ ତମ ରାଜ୍ୟସ୍ତରୀୟ ଶିଶୁମେଳା ଆସନ୍ତା ନଭେମ୍ବର ୧୪ ତାରିଖ ଶିଶୁଦିବସ ସନ୍ଧ୍ୟା ୫ ଟାରେ ଭୁବନେଶ୍ୱର ଏକାମ୍ରହାଟ ମୁକ୍ତ ମଞ୍ଚ ରେ ଉଦ୍ଘାଟିତ ହେବ ଏବଂ ବିଶ୍ୱ ଶିଶୁଦିବସ ନଭେମ୍ବର ୨୦ ତାରିଖ ସନ୍ଧ୍ୟାରେ ଉଦଯାପିତ ହେବ । ପ୍ରତ୍ୟକ ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ଚିତାକର୍ଷକ  ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ପରିପ୍ରେକ୍ଷୀରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ ।  ଏହାର ସମ୍ପୂର୍ଣ ବିବରଣୀ www.pecuc.org ରେ ଉପଲବ୍ଧ । ଏହି ଅବସରରେ ପିକକ୍ ର ବିଭିନ୍ନ ବାର୍ଷିକ ସମ୍ମାନ ପାଇଁ ନାମାଙ୍କନ ଆହ୍ୱାନ କରାଯା      ।  ନାମାଙ୍କନ ବା ମନୋନୟନ ପତ୍ର ନଭେମ୍ବର ୭ ତାରିଖ ମଧ୍ୟରେ pecucsisumela@gmail.com ରେ ପହଞ୍ଚିବା ଆବଶ୍ୟକ। ୧୮ ବର୍ଷରୁ କମ୍ ପିଲାମାନଙ୍କୁ ସମାଜ ସେବା ପାଇଁ 'ପ୍ରାଣନାଥ ପଟ୍ଟନାୟକ ସ୍ମାରକୀ ସମ୍ମାନ', ସାହସିକତା ପାଇଁ 'ବାଜିରାଉତ ସ୍ମାରକୀ ସମ୍ମାନ', ପ୍ରଫୁଲ୍ଲ ଚନ୍ଦ୍ର ଦାସ ଶିଏ ପ୍ରତିଭା ପୁରସ୍କାର, ଅଭିନୟ ପାଇଁ 'ଶରତ ପୂଜାରୀ ସ୍ମାରକୀ ସମ୍ମାନ', ଶିଶୁ କଣ୍ଠଶିଳ୍ପୀଙ୍କୁ 'ପିଲାଙ୍କ ଅକ୍ଷୟ ସମ୍ମା  ', ବୃତ୍ତି ପରୀକ୍ଷାରେ ସର୍ବୋଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଙ୍କୁ 'କେତକୀ ପଟ୍ଟନାୟକ ସ୍ମାରକୀ ସମ୍ମାନ', ଦିଆଯିବ । ଏହି ଅବସରରେ ପ୍ରତ୍ୟକ ବର୍ଷପରି ଶିଶୁମାନଙ୍କ ପାଇଁ ଲେଖୁଥିବା କିମ୍ବା କାର୍ଯ୍ୟକରୁ ଥିବା ବ୍ୟକ୍ତିତ୍ୱଙ୍କୁ 'ଶିଶୁସାଥି' ସମ୍ବାଦିକତା ପାଇଁ "ସ୍ୱରୂପ ଜେନା ସ୍ମାରକୀ ସମ୍ମାନ", ଶିକ୍ଷାକ୍ଷେତ୍ରରେ ଶିକ୍ଷକଙ୍କୁ "ଅବନୀ ବରାଳ ସ୍ମାରକୀ ସମ୍ମାନ", ଶିଶୁମାନଙ୍କ ସୁରକ୍ଷା ବା ବିକାଶ ପାଇଁ କାର୍ଯ୍ୟରତ ବ୍ୟକ୍ତିତ୍ୱଙ୍କୁ "ଡ. ପି. ସି. ଦାସ ସ୍ମାରକୀ ସମ୍ମାନ",  "ଆରାଧନା ନନ୍ଦ ସ୍ମାରକୀ ସମ୍ମାନ" ପ୍ରଦାନ କରାଯିବ   ୧୭ ତାରିଖ ଦିନ ସନ୍ଧ୍ୟା ୬ଟାରେ ସ୍ୱର୍ଗତ ଅକ୍ଷୟ ମହାନ୍ତି ଙ୍କର ସ୍ମୃତିରେ "ପିଲାଙ୍କ ଅକ୍ଷୟ "ଶୀର୍ଷକ ଏକ ବିଶେଷ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ  ।

ଶିଶୁମେଳା ଅବସରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ । ନଭେମ୍ବର ୧୩ ତାରିଖ ଦିନ ସନ୍ଧ୍ୟା ୫ ଟାରେ ଏକାମ୍ର ହାଟ ଠାରେ ସଙ୍ଗୀତ ପ୍ରତିଯୋଗିତା (୨ୟ ରୁ ୧୦ମ ଶ୍ରେଣୀ),  ୧୫ ତାରିଖ ଦିନ ଅପରାହ୍ନ ୪:୩୦ ରେ ୩ ବର୍ଷରୁ କମ୍ ଶିଶୁଙ୍କ ମଧ୍ୟରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ( ଜନ୍ମ ପ୍ରମାଣପତ୍ର ଏବଂ ଟିକାକରଣ ପ୍ରମାଣପତ୍ର ବାଧ୍ୟତାମୂଳକ) ଓ ରାଇମସ୍ ପ୍ରତିଯୋଗିତା (ନର୍ସରୀ ରୁ ପ୍ରଥମ), ୧୬ ତାରିଖ ସନ୍ଧ୍ୟା ୫ ରେ ଆଧୁନିକ ନୃତ୍ୟ (ନର୍ସରୀ ରୁ ୪ ର୍ଥ ଶ୍ରେଣୀ), ୧୭ ତାରିଖ ଦିନ ସକାଳ ୮. ୩୦ ରେ ଚିତ୍ରାଙ୍କନ (୨ୟ ରୁ ୧୦ମ ଶ୍ରେଣୀ), ସକାଳ ୧୧ ଟାରେ ବକ୍ତୃତା ପ୍ରତିଯୋଗିତା (୮ମ ରୁ ୧୦ମ), ଅପରାହ୍ନ ୧୨ଟାରେ କୁଇଜ୍ ପ୍ରତିଯୋଗିତା (୫ମ ରୁ ୧୦ମ ଶ୍ରେଣୀ) (ପ୍ରତ୍ୟକ ବିଦ୍ୟାଳୟରୁ ୨ ଜଣ ଛାତ୍ର)/ଛାତ୍ରୀ),୧୮ ତାରିଖ ଦିନ ସନ୍ଧ୍ୟା ୫ଟାରେ ଓଡିଶୀ ନୃତ୍ୟ (୨ୟ ରୁ ୭ ମ ଶ୍ରେଣୀ), ୧୯ ତାରିଖ ଦିନ ଅପରାହ୍ନ ୪.୩୦ କୌତୁକ ପୋଷାକ (ନର୍ସରୀ ରୁ ୧ମ ଶ୍ରେଣୀ, ୨ୟ ରୁ ୪ର୍ଥ, ୫ମ ରୁ ୭ମ ଶ୍ରେଣୀ) ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ପ୍ରତିଯୋଗୀ ମାନଙ୍କୁ ଶ୍ରେଣୀ ଅନୁସାରେ ଶିଶୁ, ସବଜୁନିୟର, ଜୁନିୟର ଏବଂ ସିନିୟର ଗ୍ରୁପରେ ବିଭକ୍ତ କରାଯାଇଛି ।